ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.178 Bhubaneswar Wednesday August 23 2023 | ୨୬ତମ ବର୍ଷ ସଂଖ୍ୟା-୧୭୮ ଭୁବନେଶ୍ୱର ବୁଧବାର, ଅଗଷ୍ଟ ୨୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ନିର୍ବାଚନ ପାଇଁ ଖାଲି କରିଦେଲେ ଜିଲ୍ଲା ଖଣିଜ ପାଣ୍ଠି, ବଳକା ଅଛି ମାତ୍ର ୧୩୦ କୋଟି



ଭୁବନେଶ୍ୱର,୨୨।୮(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠି(ଡିଏମଏଫ) ତହବିଲକୁ ସମ୍ପୂର୍ଣ୍ଣ ଖାଲି କରିଦେଇଛନ୍ତି । ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ସେଥିରେ ମାତ୍ର ୧୩୦.୫୫କୋଟି ଟଙ୍କା ବଳକା ରହିଛି । ବାକି ୨୩୩୬୪.୯୬ କୋଟି ଟଙ୍କାକୁ ଅନୁଦାନ ଆକାରରେ ବାଣ୍ଟି ଦେଇଛନ୍ତି । ତେବେ ବଣ୍ଟାଯାଇଥିବା ଅନୁଦାନ ଅର୍ଥରୁ ମାତ୍ର ୧୩୬୭୩.୨୩କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଗତ ମାର୍ଚ୍ଚ ମାସରେ ଜାତୀୟ ଅନୁସୂଚିତ ଜନଜାତି କମିଶନ ଅଧ୍ୟକ୍ଷ ହର୍ଷ ଚୌହାନ ନିଜ ଟିମ୍ ସହ ଓଡିଶା ଗସ୍ତ କରି ସମୀକ୍ଷାବେଳେ ଡିଏମଏଫ ପାଣ୍ଠି ଅନ୍ୟତ୍ର ବିନିଯୋଗକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ମାସକ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସବୁଠୁ ବଡକଥା ହେଲା କେବଳ ଜୁଲାଇ ମାସରେ ଡିଏମଏଫ ପାଣ୍ଠିରୁ ୮୮୪କୋଟି ଟଙ୍କାର ଅନୁଦାନକୁ ବିଭିନ୍ନ ପ୍ରକଳ୍ପ ଆକାରରେ ବଂଟନ ହୋଇଛି । ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଡିଏମଏଫ ପାଣ୍ଠିର ତଦାରଖ ଓ ସମୀକ୍ଷା ବୈଠକ ପରେ ଏହି ତଥ୍ୟ ପଦାକୁ ଆସିଛି । ସୂଚନା ଅନୁସାରେ ଆଜି ଅପରାହ୍ଣରେ ମୁଖ୍ୟ ସଚିବ ଶ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଡିଏମଏଫ କମିଟିର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠି ଗଠନ କରାଯାଇଛି । ୨୦୧୫ରୁ ଗତ ଜୁଲାଇ ୩୧ତାରିଖ ମଧ୍ୟରେ ବିଭିନ୍ନ ଜିଲ୍ଲା ପାଇଁ କୋଇଲା ଓ ଲିଗ୍ନାଇଟ୍ ଏବଂ ଅନ୍ୟ ଲଘୁ ଖଣିଜ ପଦାର୍ଥ ଉତ୍ସରୁ ମୋଟ ୨୩,୪୯୫.୫୧କୋଟି ଟଙ୍କା ସଂଗୃହୀତ ହୋଇଥିବାବେଳେ ସେଥିରୁ ୨୩,୩୬୪.୯୬କୋଟି ଟଙ୍କା ଅନୁଦାନ ଦିଆଯାଇଛି । ଏହି ଅନୁଦାନରୁ ମୋଟ ୧୩,୬୭୩.୨୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ତେବେ ଖଣିଜସମ୍ପଦ ୮ଟି ଜିଲ୍ଲା ଅନୁଗୋଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, ସୁନ୍ଦରଗଡ, ମୟୂରଭଞ୍ଜ, କୋରାପୁଟ ଓ ରାୟଗଡାକୁ ସର୍ବାଧିକ ୨୩,୧୫୧.୯୮କୋଟି ଟଙ୍କାର ମୋଟ ୨୩୭୯୫ଟି ପ୍ରକଳ୍ପ ମଞ୍ଜୁର ହୋଇଛି । ଆଉ ଏହି ୮ଟି ଜିଲ୍ଲା ସେହି ମୋଟ ଆବଂଟିତ ଅନୁଦାନରୁ ୧୩,୫୩୬.୯୬କୋଟି ଟଙ୍କା(୫୮..୪୭%) ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି । ଡିଏମଏଫ ପାଣ୍ଠିରୁ ଏପର୍ଯ୍ୟନ୍ତ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ସହ ନଳକୂପ ଆଦି ବାବଦରେ ମୋଟ ୩୧୦୦କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଫାଇଭ-ଟି ଉପକ୍ରମରେ ହାଇସ୍କୁଲ ରୂପାନ୍ତରଣ , ସ୍ୱାସ୍ଥ୍ୟକେନ୍ଦ୍ର ରୂପାନ୍ତରଣ ଆଦି ସହ ୪୦୦ଟି ରାସ୍ତା ଓ ୧୫୩ଟି ସେତୁ ମଧ୍ୟ ଏହି ପାଣ୍ଠିରେ ନିର୍ମାଣ ହୋଇଛି । ଏସବୁ ବ୍ୟତୀତ ଜୀବିକା ନିର୍ବାହ, ଜଳସେଚନ, ମହିଳା, ଶିଶୁ, ବୟସ୍କ ଓ ଭିନ୍ନକ୍ଷମଙ୍କ କଲ୍ୟାଣ, ଜଳଛାୟା ପ୍ରକଳ୍ପ, ଜଳସେଚନ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ପରିମଳ, ବନୀକରଣ ଓ ଗୃହ ନିର୍ମାଣ ଆଦି ପାଇଁ ଏହି ଅନୁଦାନ ଦିଆଯାଇଛି । ଡିଏମଏଫ ପାଣ୍ଠି ଦ୍ୱାରା ଯେପରି ଖଣିଜ ଅଂଚଳର ଲୋକେ ଅଧିକ ଉପକୃତ ହେବେ ସେ ନେଇ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି ।

# କାଲି ଜହ୍ନରେ ଭାରତ ଲେଖିବ ନାଁ, ଶେଷ ୨୦ ମିନିଟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,୨୨।୮(ପି.ଏନ): ଆସନ୍ତାକାଲି ଭାରତର ମହାକାଶ ଗବେଷଣା ଇତିହାସରେ ନୂଆ ଅଧ୍ୟାୟ ଯୋଡି ହେବାକୁ ଯାଉଛି । ବୁଧବାର ଭାରତ ଜହ୍ନ ରାଇଜରରେ ନାଁ ଲେଖିବ । କାରଣ କାଲି ଇସ୍‌ରୋର ଚନ୍ଦ୍ରଯାନ ୩ ଚନ୍ଦ୍ରରେ ସଫ୍ଟଲ୍ୟାଣ୍ଡିଂ କରିବାର କାର୍ଯ୍ୟକ୍ରମ ରହିଛି । ଇସ୍‌ରୋର ସୂଚନା ଅନୁଯାୟୀ, ଆସନ୍ତାକାଲି ସନ୍ଧ୍ୟା ୬.୦୪ ମିନିଟରେ ଲ୍ୟାଣ୍ଡର ବିକ୍ରମ ଜହ୍ନରେ ପ୍ରଥମଥର ପାଇଁ ଅବତରଣ କରିବ । ଏଥିପାଇଁ ଆଜି ଠାରୁ ସବୁଠି ଉତ୍କଣ୍ଠା ଓ ଉତ୍ସାହ ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦକ୍ଷିଣ ଆଫ୍ରିକାରୁ ବିକ୍ରମର ଲ୍ୟାଣ୍ଡିଂକୁ ଭିଡିଓ କନଫରେନ୍ସିଂ ଜରିଆରେ ଦେଖିବେ ।ଜହ୍ନରେ ନାଁ ଲେଖିବାକୁ ଇସ୍‌ରୋ ସବୁ ପ୍ରକାରର ପ୍ରସ୍ତୁତି ଶେଷ କରିଥିବା ବେଳେ ଶେଷ ୨୦ ମିନିଟ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବିକ୍ରମ ଲ୍ୟାଣ୍ଡର ଯେତେବେଳେ ଚନ୍ଦ୍ରର ଦକ୍ଷିଣ ମେରୁରେ ସୁରକ୍ଷିତ ଲ୍ୟାଣ୍ଡିଂ କରିବାକୁ ଉଦ୍ୟମ କରିବ ସେତେବେଳେ ହିଁ ଅସଲ ପରୀକ୍ଷା ଆରମ୍ଭ ହେବ ।

# ପତ୍ନୀଙ୍କ ପାଇଁ ଫସିଗଲେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ! ପୁଲିସ୍ ମୁଖ୍ୟାଳୟକୁ ହେଲା ବଦଳି



ଭୁବନେଶ୍ୱର,୨୨।୮(ପି.ଏନ): ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ କଟକ ସ୍ଥିତ ପୁଲିସ୍ ମୁଖ୍ୟାଳୟକୁ ବଦଳି କରାଯାଇଛି । ତାଙ୍କ ପତ୍ନୀ ଜଣେ ମହିଳା ହୋମଗାର୍ଡଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଡିଆଇଜିଙ୍କ ପତ୍ନୀଙ୍କ ନିର୍ଯାତନା ସହି ନପାରି ମହିଳା ହୋମଗାର୍ଡ ସୈରିନ୍ଦ୍ରୀ ସାହୁ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କର ଦୁଇଟି ଯାକ ଗୋଡ କଟି ଯାଇଥିବା ବେଳେ ସେ ଏବେ ଚିକିତ୍ସାଧୀନ ଅଛନ୍ତି । ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଜାତୀୟ ମାନବାଧିକାର କମିଶନ (ଘଐଜଉ)ରେ ଏତଲା ଦାଏର ହୋଇଛି ।ସେହିପରି ଏହି ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିଛନ୍ତି ରାଜ୍ୟ ମାନବାଧିକାର କମିଶନ । ମାମଲା ରୁଜୁ କରିବା ସହ ତଦନ୍ତ କରି ରିପୋର୍ଟ ଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମାନବାଧିକାର କମିଶନ ।

## ସାରଦା ଚିଟଫଣ୍ଡ କମ୍ପାନୀର ୨ ଅଧିକାରୀଙ୍କୁ ୫ ବର୍ଷ ଜେଲ୍

ଭୁବନେଶ୍ୱର,୨୨।୮(ପି.ଏନ): ଚିଟ୍ ଫଣ୍ଡ କମ୍ପାନୀ ସାରଦା ରିୟଲିଟି ଇଣ୍ଡିଆ ଲିମିଟେଡ୍ କମ୍ପାନୀର ୨ ଅଧିକାରୀଙ୍କୁ ୫ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି । ସାରଦା କମ୍ପାନୀର ରାଜ୍ୟ ସଂଯୋଜକ ବିଚିତ୍ରାନନ୍ଦ ଦାସ ଓ ବାଲେଶ୍ୱର ଶାଖାର ମ୍ୟାନେଜର ବାସୁଦେବ ସାମଲଙ୍କୁ ୫ ବର୍ଷ ଲେଖାଏଁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି କୋର୍ଟ । ଉଭୟଙ୍କୁ ୨ ଲକ୍ଷ ୪୦ ହଜାର ଟଙ୍କା ଲେଖାଏଁ ଜରିମାନା ଏବଂ ଅନାଦେୟ ହେଲେ ୨ବର୍ଷ ଅଧିକ ଜେଲ୍ ଦଣ୍ଡ ଭୋଗିବାକୁ କୋର୍ଟ ରାୟ ଶୁଣାଇଛନ୍ତି ।ଜମାକାରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସାରଦା କମ୍ପାନୀ କୋଟି କୋଟି ଟଙ୍କା ଠକେଇ କରିବାର ଅଭିଯୋଗ ହୋଇଥିଲା ।

## ରାଜଧାନୀରେ ଡେଙ୍ଗୁ ସ୍ଥିତିଉଦବେଗଜନକ

ଭୁବନେଶ୍ୱର,ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଉଦବେଗଜନକ ରହିଛି । ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି ।ଏ ସମ୍ପର୍କରେ ସୂଚନା ଦେଇକ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ କହିଛନ୍ତି, ଯେ ଏହି ରୋଗର ଲକ୍ଷଣ ଜଣାପଡ଼ିଲେ ତୁରନ୍ତ ପରୀକ୍ଷା କରାଇ ନେବା ଦରକାର । ସେ କହିଛନ୍ତି ଯେ ଡେଙ୍ଗୁ ରୋଗ ପାଇଁ ଟେଷ୍ଟିଂ ତ୍ୱରାନ୍ୱିତ କରିବାକୁ ଗୋଟିଏ ନୂଆ କାଉଣ୍ଟର ଖୋଲାଯାଇଛି । ନୂଆ କାଉଣ୍ଟରରେ ୩ ଜଣଙ୍କୁ ଏଥିପାଇଁ ନିୟୋଜିତ କରାଯାଇଛି ।

# ଖାଉଟିଙ୍କୁ ମିଳିଲା ଆଶ୍ୱସ୍ତି, ଖସୁଛି ଟମାଟୋ ଦର



ଭୁବନେଶ୍ୱର,୨୨।୮(ପି.ଏନ): ଖାଉଟିଙ୍କୁ ମିଳିଲା ଆଶ୍ୱସ୍ତି । ଧିରେ ଧିରେ ଖସୁଛି ଟମାଟୋ ଦର । ମହଙ୍ଗା ଟମାଟୋ ଏବେ କ୍ରମାଗତ ଭାବରେ ଶସ୍ତା ହେଉଛି । ଗତ ୨ ମାସ ହେଲା ଟମାଟୋ ଦର ଲୋକଙ୍କୁ କନ୍ଦାଉଥିଲା । ବର୍ତ୍ତମାନ ବଜାରରେ ଟମାଟର କିଲୋଗ୍ରାମ୍ ପ୍ରତି ୫୦ ଟଙ୍କାରେ ମିଳୁଛି । କିଛି ସ୍ଥାନରେ ପରିବହନ ଖର୍ଚ୍ଚ କାରଣରୁ ଦାମ ୬୦ ଟଙ୍କା କିମ୍ବା ୭୦ ଟଙ୍କା ପର୍ଯ୍ୟନ୍ତ ରହୁଛି । କିଛି ସ୍ଥାନରେ ଏହା ୮୦ ଟଙ୍କାରେ ମଧ୍ୟ ରହିଛି । ଏହାରି ମଧ୍ୟରେ ଆଉ ଏକ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଦେଶରେ ଟମାଟୋର ଦାମ୍ ସାମାନ୍ୟ ସ୍ତରକୁ ନଆସିବା ଯାଏଁ ସବସିଡି ହାରରେ ଟମାଟୋ ବିକ୍ରି ଜାରି ରହିବ । ବିଗତ ଦିନରେ ବର୍ଷା ଓ ବନ୍ୟା କାରଣରୁ ଫସଲ ନଷ୍ଟ ହୋଇଥିଲା । ଦେଶର ଅନେକ ରାଜ୍ୟରେ ଟମାଟୋ କେଜି ପିଛା ୨୫୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ରୋଷେଇ ଘରୁ ଟମାଟୋ ଉଭାନ୍ ହୋଇଯାଇଥିଲା । ମଧ୍ୟବିତ୍ତ, ଧନୀ ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିଥିଲା ଟମାଟୋ ଦର ।

## ନାରାୟଣପାଟଣାରେ ମାଓବାଦୀ ଲଗାଇଲେ ବ୍ୟାନର

ଜୟପୁର, ୨୨।୮(ପି.ଏନ): ନାରାୟଣପାଟଣାରେ ମାଓବାଦୀ ଲଗାଇଛନ୍ତି ଲାଲ ବ୍ୟାନର । ଚିନ୍ତାଗୁଡା ଡ୍ୟାମ ନିର୍ମାଣକୁ ବିରୋଧ କରି ମାଓବାଦୀ ଲଗାଇଛନ୍ତି ଲାଲ ବ୍ୟାନର । ସିପିଆଇ ମାଓବାଦୀ ଶ୍ରୀକାକୁଲମ ଡିଭିଜନାଲ କମିଟି ନାମରେ ଲାଗିଛି ଏହି ଲାଲ ବ୍ୟାନର । କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଚିନ୍ତାଗୁଡ଼ା ଗାଁ ନିକଟ ଝଂଜାବତି ନଦୀ ଉପରେ ୧୪୦ କୋଟି ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଯାଉଥିବା ଚିନ୍ତାଗୁଡ଼ା ଡ୍ୟାମ ନିର୍ମାଣକୁ ବିରୋଧ କରାଯାଇଥିବା ଉଲ୍ଲେଖ ରହିଛି । ଲାଲ ବ୍ୟାନେର ମରାଯିବା ଘଟଣାରେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଘଟଣାର ତଦନ୍ତ ଚାଲିଛି କହିଲେ କୋରାପୁଟ ଏସପି ।

# ନାସା ଫଟୋରେ ଓଡିଶାର ଗରିବୀ

ନୂଆଦିଲ୍ଲୀ,୨୨।୮(ପି.ଏନ): ନାସା ଆଖିରେ ଓଡିଶାରେ ଗରିବୀ ଏବେ ବି ଭରି ରହିଛି । ଆମେରିକୀୟ ସଂସ୍ଥା ନାସାର ସେଡାକ୍ ବା ସୋସିଓଡେମୋଗ୍ରାଫିକ୍ ଆଣ୍ଡ୍ ସାଟେଲାଇଟ୍ ଇନପୁଟ୍ସ ପକ୍ଷରୁ ପ୍ରସ୍ତୁତ ସର୍ବଶେଷ ରିପୋର୍ଟରେ ଗରିବୀରେ ଓଡିଶା ଏବେ ବି ଦେଶର ତଳ ଆଡ ରହିଛି । ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ୧୦ ବର୍ଷର ତଥ୍ୟ ଓ ସାଟେଲାଇଟ୍ ଇମେଜକୁ ଦେଖିଲେ ଓଡିଶାରେ ଗରିବୀ ବା ଡେପ୍ରିଭେସନ୍ ଚିନ୍ତାଜନକ ସ୍ତରରେ ରହିଛି । ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଂଚଳ ଭିତରେ ଓଡିଶା ଏବେ ବି ତଳଆଡୁ ୭ ନମ୍ବରରେ ରହିଛି । ନାସାର ସ୍କରରେ ୭୦ ଉପରକୁ ମାର୍କ ଥିବା ରାଜ୍ୟ ଭିତରେ ରହିଛି ଓଡିଶା । ନାସାର ମାପଦଣ୍ଡରେ ସବୁଠାରୁ କମ ଗରିବୀ ଅଂଚଳକୁ ୦ ମାର୍କ ମିଳୁଥିବା ବେଳେ ସବୁଠାରୁ ଅଧିକ ଗରିବୀ ଅଂଚଳକୁ ୧୦୦ ମାର୍କ ଭିତରେ ରଖାଯାଇଛି । ନାସାର ସେଡାକ୍ ବା ସୋସିଓ ଡେମୋଗ୍ରାଫିକ୍ ଆଣ୍ଡ ସାଟେଲାଇଟ୍ ଇନପୁଟ୍ସ ନାସା ସହାୟତାରେ ମିଳୁଥିବା ସାଟେଲାଇଟ ଛବି ସହ ସାମାଜିକ ତଥ୍ୟକୁ ନେଇ ରିପୋର୍ଟ ପ୍ରସ୍ତୁତ କରିଛି । ଛବି ସହିତ ୬ଟି ମାପଦଣ୍ଡରେ ୧୦ ବର୍ଷର ତଥ୍ୟକୁ ନେଇ ଏହି ରିପୋର୍ଟ ଜାରି କରିଛି । ୬ଟି ମାପଦଣ୍ଡ ଭିତରେ ରହିଛି, ବଡଙ୍କ ଉପରେ ନିର୍ଭର କରୁଥିବା ଶିଶୁଙ୍କ ଅନୁପାତ, ଶିଶୁ ମୃତ୍ୟୁ ହାର, ମାନବୀୟ ବିକାଶ, ଅବିକଶିତ ଓ ବିକଶିତ ଅଞ୍ଚଳର ଅନୁପାତ, ରାତିର ଆଲୋକର ତୀବ୍ରତା ଓ ସମୟ । ଯେଉଁ ଅଂଚଳ ରାତିରେ ଯେତେ ଅଧିକ ସମୟ ଆଲୋକିତ ରହୁଛି ସେ ଅଂଚଳରେ ଆର୍ଥିକ କାରବାର ଅଧିକ ଓ ସେତେ ବିକଶିତ ବୋଲି ବିଚାର କରାଯାଇଛି । ଅର୍ଥନୀତି ବିଶେଷଜ୍ଞ ପ୍ରଭାସ ମିଶ୍ର କହିଛନ୍ତି- ନୀତି ଆୟୋଗର ମଲଟିଡାଇମେନସନାଲ ପଭର୍ଟି ଇଣ୍ଡେକ୍ସରେ ୧୨ଟି ମାପଦଣ୍ଡ ନିଆଯାଇଥିବାବେଳେ ନାସା ସର୍ଭ ?ରେ ୬ଟି ମାପଦଣ୍ଡ ନିଆଯାଇଛି । ତେଣୁ ଓଡିଶା ରାଙ୍କରେ କିଛି ପ୍ରଭେଦ ଆସିବା ସ୍ୱାଭାବିକ । ତେବେ ଆଗକୁ ଏ ସ୍ଥିତି ବଦଳିବ ବୋଲି ଆଶା କରାଯାଉଛି ।

# ମଥୁରା ଯାଉଥିବା ବେଳେ ଓଲଟିଲା ଟୁରିଷ୍ଟ ବସ୍

ଔରିୟା, ୨୨।୮(ପି.ଏନ): ଉତ୍ତର ପ୍ରଦେଶର ଔରେୟା ଠାରେ ଓଲଟିଲା ଟୁରିଷ୍ଟ ବସ୍ । ମଥୁରା ଯାଉଥିବା ଏକ ଟୁରିଷ୍ଟ ବସ୍ ଜନପଦର ସଦର କୋତୱାଲୀ ଅନ୍ତର୍ଗତ ଜନେତପୁର ନିକଟରେ ଓଲଟି ପଡିଛି । ଏହି ଦୁର୍ଘଟଣାରେ ବସରେ ଥିବା ୨୪ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଖବର ପାଇଁ ଦୁର୍ଘଟଣାସ୍ଥଳରେ କୋତୱାଲି ପୋଲିସ ପହଂଚି ୫୦ ଶୌର୍ଯା ହସ୍ପିଟାଲରେ ଭର୍ତ୍ତି କରିଛି । ତେବେ ଜଣେ ମହିଳାଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରିଛନ୍ତି ଡାକ୍ତର । ଖବର ପାଇ ଜିଲ୍ଲାପାଳ ମଧ୍ୟ ଦୁର୍ଘଟଣାସ୍ଥଳରେ ପହଂଚିଛନ୍ତି ।ଫତେହପୁର ଖାଗାରୁ ସୋମବାର ବିଳମ୍ବିତ ରାତିରେ ଏକ ଟୁରିଷ୍ଟ ବସ୍ ମଥୁରା ଅଭିମୁଖେ ଯାଇଥିଲା । ଏଥିରେ ପ୍ରାୟ ୬୦ଜଣ ଯାତ୍ରୀ ଥିଲେ । ତେବ କୋତୱାଲିର ଜାତୀୟ ରାଜପଥ ନିକଟରେ ବସଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା ।

# ୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୨୨।୮(ପି.ଏନ): ରାଜ୍ୟରେ ମୌସୁମୀ ପ୍ରବାହ ଦୁର୍ବଳ ସ୍ଥିତିରେ ରହିଛି । ତେଣୁ ରାଜ୍ୟରେ ବଡ଼ ମୌସୁମୀ ବର୍ଷାର ସମ୍ଭାବନା ନାହିଁ । ତଥା ରାଜ୍ୟର ଉତର ଉପକୂଳ , ଦକ୍ଷିଣ ଓଡିଶାର କିଛି ଜିଲ୍ଲା ଏବଂ ଉତର ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ବର୍ଷା ହେବାର ସମ୍ଭାବନା ରହିଛି । ଆଗାମୀ ୨୪ ଘଂଟା ମଧ୍ୟରେ ଉପକୂଳ, ଆଭ୍ୟନ୍ତରୀଣ, ଉତର ଓ ପଶ୍ଚିମ ଓଡ଼ିଶାର ୨୧ଟି ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷାର ସମ୍ଭାବନା ରହିଥିବା ବେଳେ ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ମଙ୍ଗଳବାର ଅପରାହ୍ଣରେ ଏକ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ।ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼ , ଝାରସୁଗୁଡ଼ା ,ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର , ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ,ରାୟଗଡ଼ା ଗଞ୍ଜାମ, ଗଜପତି,ଖୋର୍ଦ୍ଧା, ନୟାଗଡ଼, ପୁରୀ, କଟକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି ।

# ମାହାଙ୍ଗା ନାବାଳିକା ମୃତ୍ୟୁ ମାମଲା: ନିଲମ୍ବିତ ବିଜେଡି ନେତା ଶରତ ନାୟକ ଓ ଖେଳ ଶିକ୍ଷକ ଅନୁପମ ରାୟ ଗିରଫ



ଭୁବନେଶ୍ୱର,୨୨।୮(ପି.ଏନ): ମାହାଙ୍ଗା ନାବାଳିକା ମୃତ୍ୟୁ ମାମଲାରେ ଗିରଫ ହୋଇଛନ୍ତି ନିଲମ୍ବିତ ବିଜେଡି ନେତା ଶରତ ନାୟକ ଓ ଖେଳ ଶିକ୍ଷକ ଅନୁପମ ରାୟ । ମାହାଙ୍ଗା ପୁଲିସ ସେମାନଙ୍କୁ ଗିରଫ କରିଛି । କଟକ ଗ୍ରାମାଞ୍ଚଳ ଏସ୍ ?ପି ମିହିର ପଣ୍ଡା ଏହି ସୂଚନା ଦେଇଛନ୍ତି ।ଏସ୍ ?ପି କହିଛନ୍ତି, ନାବାଳିକା ଜଣଙ୍କୁ ଆତ୍ମହତ୍ୟା କରିବା ପାଇଁ ପରିସ୍ଥିତି ସୃଷ୍ଟି କରିବା ନେଇ ଅନୁପମ ରାୟଙ୍କୁ ଗିରଫ କରାଯାଇଛି । ସେହିପରି ନାବାଳିକା ଜଣଙ୍କ ଆତ୍ମହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଶରତ ନାୟକଙ୍କୁ ଗିରଫ କରାଯାଇଛି । ନାବାଳିକା ଜଣଙ୍କ ଆତ୍ମହତ୍ୟା କରିବା ପଛରେ ଅନୁପମ ରାୟଙ୍କ ହାତ ଥିବା କଥା ଶରତ ଜାଣିଥିଲେ । ନାବାଳିକା ଜଣଙ୍କ ଦଶମ ଶ୍ରେଣୀରେ ପଢୁଥିଲେ । ୨ ମାସ ତଳେ ତାଙ୍କର ମୃତ୍ୟୁ ହୋଇଥିଲା । ତେବେ ଏଇ କିଛି ଦିନ ତଳେ ଏକ ଅଡିଓ ଭାଇରାଲ ହେବା ପରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା ।ଭାଇରାଲ ହୋଇଥିବା ଅଡିଓରେ ନିଲମ୍ବିତ ବିଜେଡି ନେତା ଶରତ ନାୟକ ଓ ଖେଳ ଶିକ୍ଷକ ଅନୁପମ ରାୟଙ୍କ ମା'ଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ରହିଥିଲା । ପ୍ରମାଣ ନଷ୍ଟ କରିବାକୁ ଓ ମାମଲାକୁ ରଫାଦଫା କରିବାକୁ ଅନୁପମ ରାୟଙ୍କ ମା'ଙ୍କୁ ଶରତ ନାୟକ ୭୦ ହଜାର ଟଙ୍କା ମାଗିଥିଲେ । ପୁଲିସକୁ ବି ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ ।

# ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

କୋରେଇ,୨୨।୮(ପି.ଏନ): ସରକାରୀ ରାଜକୋଷରୁ ଅର୍ଥ ବ୍ୟୟ ହୋଇ ଅନେକ ଯୋଜନାରେ କୋଟି କୋଟି ଟଙ୍କାର ରାସ୍ତା ଘାଟ ନିର୍ମାଣ କାର୍ଯ୍ୟ ତଥା ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚାଲୁରହିଛି । କିନ୍ତୁ ଅନେକ ସ୍ଥାନରେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲେ ମଧ୍ୟ ପ୍ରଶାସନ କିମ୍ବା ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ନ ପଡ଼ିବା ଏବେ ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି । ଏହାର ଏକ ନଗ୍ନ ଚିତ୍ର ଦେଖିବାକୁ ମିଳିଛି ୨୦ ନମ୍ବର ଜାତୀୟ ରାଜପଥ ର ପାଣିକୋଇଲି ଛକ ଠାରୁ ଯାଜପୁର ରୋଡ ପର୍ଯ୍ୟନ୍ତ । ଏହି ରାଜପଥରେ ଦୀର୍ଘ ଦିନ ହେବ ପ୍ରାୟ ୧୦ ରୁ ୧୨ ଗୋଟି ଛୋଟ ବଡ଼ ଖାଲ ମାନ ସୃଷ୍ଟି ହୋଇଛି । ଅନେକ ସ୍ଥାନରେ ରାସ୍ତାର ଅବସ୍ଥା କହିଲେ ନ ସରେ । ଏହି ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ଛୋଟ ଦୁଇ ଚକିଆ ଗାଡ଼ି ଯଥା ବାଇକ୍ ଠାରୁ ଆରମ୍ଭ କରି ଟ୍ରକ,ବସ ପର୍ଯ୍ୟନ୍ତ ଗାଡି ନାହିଁ ନଥିବା ଅସୁବିଧାରେ ପଡୁଛନ୍ତି । ଏହି ଛୋଟ ବଡ଼ ଖାଲି ଯୋଗୁଁ ବିଶେଷ କରି ବାଇକ୍ ଆରୋହୀ ତଥା ସାଇକେଲ ଆରୋହୀ ମାନେ ପ୍ରତ୍ୟେକ ଦିନ ଦୁର୍ଘଟଣା ର ଶିକାର ହେଉଛନ୍ତି । ଏହି ବିପର୍ଯ୍ୟସ୍ତ ୨୦ ନମ୍ବର୍ ଜାତୀୟ ରାଜପଥ ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଛୋଟ ବଡ଼ ଗାଡ଼ି ଯାତାୟାତ କରିଥାନ୍ତି । ସୁକିନ୍ଦା, ଶିଳ୍ପ ନଗରୀ କଳିଙ୍ଗନଗର ସହ ପଡୋଶୀ କେନ୍ଦୁଝର ଜିଲ୍ଲାର ଖଣିଜ ପଦାର୍ଥ ପରିବହନ କ୍ଷେତ୍ରରେ ଏହି ୨୦ ନମ୍ବର ଜାତୀୟ ରାଜପଥ ର ଗୁରୁତ୍ୱ ଅନେକ । ଏହି ରାଜପଥ ଦେଇ ପ୍ରତିଦିନ ନେତା ମନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀ ପର୍ଯ୍ୟନ୍ତ ସମସ୍ତ ଗାଡ଼ି ଯା ଆସ କରୁଛନ୍ତି । ହେଲେ ରାଜପଥ ରେ ସୃଷ୍ଟି ହୋଇଥିବା ଏହି ବିପର୍ଯ୍ୟସ୍ତ ଛୋଟ ବଡ଼ ଖାଲ ଗୁଡ଼ିକ କିପରି କାହା ନଜର ରେ ପଡୁନି ନା ଜାଣିଶୁଣି ସମସ୍ତେ ଅଣଦେଖା କରି ଚାଲିଯାଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏପରିକି କିଛି ମାସ ପୁର୍ବରୁ ଏହି ରାଜପଥ ରେ ପିଚୁ କାମ ମଧ୍ୟ ଆରମ୍ଭ ହୋଇଥିଲା । କିନ୍ତୁ କାର୍ଯ୍ୟ ସରିବାର ୬ ମାସ ପୂରିନଥିବା ବେଳେ ରାସ୍ତା ମରଣଯନ୍ତା ପାଲଟିଯାଇଛି । ଦିନ ସମୟରେ ଯାହା ଯେପରି ଭାବେ ଦୁଇ ଚକିଆ ଗାଡ଼ି ଗୁଡ଼ିକ ଯାତାୟାତ କରୁଥିବା ବେଳେ ରାତି ସମୟରେ ଦୁର୍ଘଟଣା ର ଚିନ୍ତା ବଢିଯାଉଛି । ରାତି ବେଳା ଅନେକ ସମୟରେ ରାସ୍ତା ମଝିରେ ଥିବା ଏହି ଛୋଟ ବଡ଼ ଖାଲ ଗୁଡ଼ିକ ରେ ବାଇକ ଆରୋହୀ ପଡି ଖଣ୍ଡିଆ ଖାବରା ହୋଇ ମେଡିକାଲ୍ ଯାଉଛନ୍ତି । ଯଦି ରାଜପଥ ର ଏଭଳି ପରିସ୍ଥିତି ତେବେ ଗାଁ ଗହଳି ରେ ଥିବା ରାସ୍ତାର ଅବସ୍ଥା କିପରି ହୋଇଥିବ ତାହା ସ୍ପଷ୍ଟ ଅନୁମେୟ । ଏଣୁ ତୁରନ୍ତ ପ୍ରଶାସନ ତଥା ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେଇ ଜାତୀୟ ରାଜପଥ ରେ ସୃଷ୍ଟି ହୋଇଥିବା ଏହି ଛୋଟ ବଡ଼ ଖାଲ ଗୁଡ଼ିକୁ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି ।

# ଡେରାଡୁନ ଭୂସ୍ଖଳନ, ମାଟି ତଳୁ ମୃତଦେହ ଉଦ୍ଧାର

ଡେରାଡୁନ, ୨୨।୮(ପି.ଏନ): ଲଗାଣ ବର୍ଷା ଯୋଗୁ ଉତ୍ତରାଖଣ୍ଡରେ ଭୂସ୍ଖଳନ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରତିଦିନ କେଉଁଠି ନା କେଉଁଠି ଭୂସ୍ଖଳନ ଯୋଗୁ ଧନଜୀବନ ହାନି ଘଟୁଛି । ଟିହରି ଜିଲ୍ଲାର ଚମ୍ବା ଟ୍ୟାକ୍ସି ପାର୍କିଂ ସ୍ଥାନରେ ଭୂସ୍ଖଳନ ହୋଇଥିବା ବେଳେ ମାଟି ତଳୁ ପୁଣି ଏକ ମୃତଦେହ ଉଦ୍ଧାର କରାଯାଇଛି । ଏହାପୂର୍ବରୁ ୪ଜଣଙ୍କର ମୃତଦେହ ଜବତ ହୋଇଥିଲା । ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ନେଇ ସୂଚନା ଦେଇଛନ୍ତି ଏସଡିଆରଏଫ ରେସକ୍ୟୁ ଟିମ୍ର ଅଧିକାରୀ ରାକେଶ ରାୱତ ।ଉଦ୍ଧାରକାରୀ ଟିମର ସୂଚନା ଅନୁସାରେ ଆଜି ରୁକୁମ୍ ସିଂଙ୍କ ପୁଅ ସୋହନ ସିଂ ରାୱତଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଥୋଲଧାର ବ୍ଲକର କିରଗଣି ଗାଁର ବାସିନ୍ଦା ଅଟନ୍ତି ସୋହନ । ସୋମବାର ଦ୍ୱିପ୍ରହର ଗୋଟାଏ ସମୟରେ ଭୂସ୍ଖଳନ ଯୋଗୁ ଏକ ସ୍ୱିଫ୍ଟ କାର ମାଟି ତଳେ ପୋତି ହୋଇଯାଇଥିଲା । ଏହାପରେ ଉଦ୍ଧାର କାର୍ଯ୍ୟ କରାଯାଇ ମାଟି ତଳୁ ୪ଟି ମୃତଦେହ ଉଦ୍ଧାର କରାଯାଇଥିଲା ।







## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଶଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ 'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Wednesday August 23, 2023 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୨୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଅବ୍ୟବସ୍ଥାରେ ପିତାରିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ନବରଙ୍ଗପୁର,(ପି.ଏନ): ସରକାର ୫-ଟି ଯୋଜନାରେ ବିଦ୍ୟାଳୟ କୁ କୋଟି କୋଟି ଖର୍ଚ୍ଚ କରି ରଙ୍ଗ ବେରଙ୍ଗ କରୁଛନ୍ତି ।ପୁରୁଣା ଘର ଭାଙ୍ଗି ନୂତନ ଶେଣୀ ଗୃହ ନିର୍ମାଣ କରିବାକୁ ତତ୍ପରତା ।କିନ୍ତୁ ଆଜିବି ରହିଛି ଅନେକ ଅବହେଳିତ ବିଦ୍ୟାଳୟ ଯେଉଁଠି କି ନା ଶ୍ରେଣୀ ଗୃହ ଅଛି ନା ଛାତ୍ରଛାତ୍ରୀ ଙ୍କ ନିମନ୍ତେ ସୁରକ୍ଷା ପାଇଁ ପାଚେରୀ ଅଛି । ଦୁଇଟି ଶ୍ରେଣୀ ପାଇଁ ଗୋଟିଏ ଗୃହ ତ ଆଉ କେଉଁଠି ଶ୍ରେଣୀ ଗୃହ ଥାଇ ନ ଥିଲା ସମାନ କାରଣ ଅଳ୍ପ ବର୍ଷା ହେଲେ ଛାତରୁ ପାଣି ଝରୁଛି । କେତେବେଳେ କଣ ଘଟିବ କହିବା ଅସମ୍ଭବ, ଫଳରେ ଛାତ୍ରଛାତ୍ରୀ ଙ୍କ ଭବିଷ୍ୟତ ଅନ୍ଧକାର ହେବା ସମ୍ଭାବନା । ଏପରି ଅଭିଯୋଗ କରିଛନ୍ତି ଅଭିଭାବକ ତଥା ଗ୍ରାମବାସୀ ମାନେ ।ଏହିପରି ଏକ ବିଦ୍ୟାଳୟ ରହିଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ନୂଆକୋଟ ପଂଚାୟତ ଅନ୍ତର୍ଗତ ପିତାରିଗୁଡା ପ୍ରାଥମିକ ବିଦ୍ୟାଳୟ ।ଏହି ବିଦ୍ୟାଳୟ ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ଶିକ୍ଷା ଦିଆଯାଏ ।ମୋଟ ୧୦୧ ଜଣ ଛାତ୍ରଛାତ୍ରୀ ପାଠ ଅଧ୍ୟୟନ




କରୁଥିବା ବେଳେ ୩ଟି ଶ୍ରେଣୀ ଗୃହ ରହିଛି ।ଫଳରେ ପାଠପଢ଼ାରେ ବାଧାପ୍ରାପ୍ତ ହୋଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି ।ବର୍ଷା ହେଲେ ୩ଟି ଶ୍ରେଣୀ ଗୃହରେ ପାଣି ପଡିଥିବା ସହ ବାହାର ଆବର୍ଜନା ପାଣି ବିଦ୍ୟାଳୟ ପରିସରକୁ ଆସୁଛି ।ଫଳରେ ଛାତ୍ରଛାତ୍ରୀ ସ୍କୁଲ ଆସିବାକୁ ନାକ ଟେକୁଛନ୍ତି ।ରୋଷେଇ ଘର ନ କହିବା ଭଲ ,ଭଙ୍ଗା ଦଦରା ଘରେ ବିପଦ ଜନକ ଅବସ୍ଥାରେ ରୋଷେଇ ଚାଲିଛି ।କେତେବେଳେ ଏହା ଭାଙ୍ଗିଯିବ କହି ହେବ ନାହିଁ ।ବିଦ୍ୟାଳୟ ରେ ଖେଳ ପଡିଆ ସହ ଛାତ୍ରଛାତ୍ରୀ ଙ୍କ ସୁରକ୍ଷା ପାଇଁ ପାଚେରୀ ନାହିଁ । ଜିଲ୍ଲା ପ୍ରଶାସନ ଉକ୍ତ ବିଷୟରେ ହସ୍ତକ୍ଷେପ କରି ଶ୍ରେଣୀ ଗୃହ,ସ୍କୁଲ ପାଚେରୀ,ରୋଷେଇ ଘର ଓ ବିଦ୍ୟାଳୟ ର ଉନ୍ନୟନ ମୂଳକ କରାଯାଉ ବୋଲି ବବିତା ବିଶୋଇ,ପ୍ରତିମା ଗୌଡ଼, ବାବୁଲି ମାଝୀ,ଦେବେନ୍ଦ୍ର ବିଶୋଇ,ମନବୋଧ ମାଝୀ, ରୁବି ବିଶୋଇ,ରାୟମତି ଗୌଡ଼, ସନମତି ବିନ୍ଧାଣି,ଅମ୍ବିକା ମାଝୀ ପ୍ରମୁଖ ଦାବି କରିଛନ୍ତି ।

## ଚଣ୍ଡିଖୋଲ ହାଇସ୍କୁଲରେ ଗଳ୍ପକଥନ ପ୍ରତିଯୋଗିତା

ଚଣ୍ଡିଖୋଲ,(ପିଏନ): ଭୁବନେଶ୍ୱରସ୍ଥ ଓଡିଶା ଷ୍ଟୋରୀଟେଲିଙ୍ଗ ସୋସାଇଟି ଓ ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ସହଯୋଗରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଗଳ୍ପକଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଦେବପ୍ରସାଦ ମଲ୍ଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଓଡିଶା ଷ୍ଟୋରୀଟେଲିଙ୍ଗ ସୋସାଇଟିର ପ୍ରତିଷ୍ଠାତା ଡକ୍ଟର ମନୀନ୍ଦ୍ର ନାରାୟଣ ନାୟକ ଯୋଗଦେଇ ଗଳ୍ପ ପଠନ,ଗଳ୍ପ ଶ୍ରବଣ ଏବଂ ଗଳ୍ପ କଥନ କିପରି ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ସ୍ତରକୁ ବୁଦ୍ଧିମନ୍ତ କରିଥାଏ ତାହାର ଅବତାରଣା କରିଥିଲେ କ୍ଷ ଏହି ବିଦ୍ୟାଳୟର ଛାତ୍ର ଥିବା ଡକ୍ଟର ନାୟକ ସେ ସମୟର ଛାତ୍ର-ଶିକ୍ଷକ ପରମ୍ପରା, ଛାତ୍ରଛାତ୍ରୀଙ୍କ ଶିକ୍ଷକଙ୍କ ପ୍ରତି ସମ୍ମାନବୋଧ,ଶିକ୍ଷକଙ୍କ ସ୍ନେହଶ୍ରଦ୍ଧା ଓ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ଦିଗରେ ଥିବା ଅଙ୍ଗିକାରବଦ୍ଧତା ସମ୍ପର୍କରେ ନିଜର ଅନୁଭୂତି କହିଥିଲେ ।

# ହିଞ୍ଜିଳିକାଟୁ ପୌର ପରିଷଦ କାର୍ଯ୍ୟାଳୟ ଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ହିଞ୍ଜିଳିକାଟୁ, (ପି.ଏନ): ହିଞ୍ଜିଳିକାଟୁ ପୌର ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅଧ୍ୟକ୍ଷ ସୁବାଷ ଚ଼ନ୍ଦ୍ର ପଲେଇ ଙ୍କ ଅଧ୍ୟକ୍ଷତା ରେ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୁବୁଲି ଚ଼ରଣ ବେହେରା, ଙ୍କ ତତ୍ୟବଧାନ ରେ ଅନୁଷ୍ଠିତ ବୈଠକ ରେ ଆସନ୍ତା ମାସ ୩୧ ତାରିଖ ରୁ ୩ଦିନ ଧରି ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ କରିବା ପାଇଁ ଆଲୋଚ଼ନ ହୋଇଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସର ରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ସହିତ ସ୍ଥାନୀୟ କଳାକାର ଓ ଛାତ୍ରଛାତ୍ରୀ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ପାଇଁ ଆଲୋଚ଼ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ପୂର୍ବତନ ନଗରପାଳ ହୃଦୟାନନ୍ଦ ମହାପାତ୍ର ନଗର ବିଜେଡି ସଭାପତି ଭୀମସେନ ବେହେରା, ଆସ୍କା ସାଂସଦ ଙ୍କ ବ୍ୟକ୍ତିଗତ ସହାୟକ ନୀଳମଣି ପଟ୍ଟନାୟକ କାଉନସିଲର ସରୁଜୁ ପଣ୍ଡା, ଶ୍ୟାମଘନ ବେହେରା, ଯୁବ ବିଜେଡି ସଭାପତି ସଞ୍ଜୟ ପଣ୍ଡା, ବୁଦ୍ଧିଜିବୀ, ସାମ୍ବାଦିକ ମାନେ ଉପସ୍ଥିତ ଥିଲେ।

# ବୈଷୟିକ ଶିକ୍ଷା ପରେ ନିଯୁକ୍ତି ପାଇଥିବା ପିତୃମାତୃହୀନ ଶୁକଦେବଙ୍କୁ ସମ୍ମାନିତ କଲେ ଅତିରିକ୍ତ ଜିଲ୍ଲାପାଳ

ପୁରୀ,(ପି.ଏନ):ପୁରୀ ଜିଲ୍ଲାର ସଦର ବ୍ଲକ ଅଧିନ ପ୍ରତାପରାମଚନ୍ଦ୍ରପୁର ବାଲିସାହିର ପିତୃମାତୃହୀନ ଶୁକଦେବ ପ୍ରଧାନ ପୁରୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରୁ ଇଲୋକ୍ଟ୍ରୋନିକ୍ସ ମେକାନିକାଲ ପାଠ୍ୟକ୍ରମରେ ଉତୀର୍ଣ୍ଣ ହୋଇ ମାରୁତୀ ସୁଜୁକି ପ୍ରାଇଭେଟ ଲିମିଟେଡ କମ୍ପାନୀର ଅହମଦାବାଦରେ ନିଯୁକ୍ତ ପାଇଛନ୍ତି। କ୍ୟାମ୍ପସ ଚୟନ ମାଧ୍ୟମରେ ଶୁକଦେବ ନିଯୁକ୍ତି ପାଇବା ପରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ପ୍ରଶଂସାପତ୍ର,ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଶୁକଦେବର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଶୁକଦେବ ହେଉଛନ୍ତି ଉତ୍କଳ ବାଳାଶ୍ରମର ଅନ୍ତେବାସୀ। ଏହା ପୂର୍ବରୁ ଶୁକଦେବ ସାକ୍ଷୀଗୋପାଳସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ଭବନରେ ରହୁଥିବା ବେଳେ



ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ପାଉଥିଲେ। ଏହି ସମ୍ବର୍ଦ୍ଧନାରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ,ସରକାରୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ଅଧ୍ୟକ୍ଷ ଅରବିନ୍ଦ ଘୋଷ,ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥି ପ୍ରମୁଖ ଉପସ୍ଥିତ ରହିଥିଲେ। ଏଠାରେ ସୂଚନାଯୋଗ୍ୟ, ଦ୍ରୌପଦୀ ମହିଳା ସମିତିର ଅନ୍ତେବାସୀ ବୁଧୁରାଇ ଟୁଡୁ ଓ ଉତ୍କଳ ବାଳାଶ୍ରମର ଶାନ୍ତିଲତା ବେହେରା ବିଜୁ ପଟ୍ଟନାୟକ ବୈଷୟିକ ପ୍ରତିଷ୍ଠାନରୁ ଡିପ୍ଲୋମା ଇଞ୍ଜିନିୟରିଙ୍ଗ ଶେଷ କରି କ୍ୟାମ୍ପସ ଚୟନ ମାଧ୍ୟମରେ ଚେନ୍ନାଇରେ କାର୍ଯ୍ୟରତ ରହିଛନ୍ତି। ବିପରିତ ପରିସ୍ଥିତିରୁ ଆସି ଶୁକଦେବ ପ୍ରଧାନ, ବୁଧୁରାଇ ଟୁଡୁ ଏବଂ ଶାନ୍ତିଲତା ବେହେରା ସଫଳତା ହାସଲ କରି ଜିଲ୍ଲା ପାଇଁ ଉଦାହରଣ ସାଜିଛନ୍ତି।

# ଖୋର୍ଦ୍ଧା ହାବେଳୀ ପଡିଆରେ ଅଭିଯୋଗ ଶୁଣିଲେ '୫-ଟି' ସଚିବ

ଖୋର୍ଦ୍ଧା,(ପି.ଏନ): ୨ଦିନିଆ ଗ୍ରସ୍ତରେ ଆସିଛନ୍ତି '୫-ଟି' ସଚିବ ଭି.କେ. ପାଣ୍ଡିଆନ । ଆଜି ପ୍ରଥମେ ବେଗୁନିଆ ବ୍ଲକରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପରେ ଖୋର୍ଦ୍ଧାରେ ପହଁଚିଥିଲେ ।ସ୍ଥାନୀୟ ହାବେଳୀ ପଡିଆରେ ପୁଷ୍ପ ବର୍ଷା ଓ ହୁଳହୁଳିରେ ତାଙ୍କୁ ସ୍ୱାଗତ କରାଗଲା । ରାସ୍ତାର ଉଭୟ ପାର୍ଶ୍ୱରେ ଜନତା ତାଙ୍କୁ ଦେଖିବାକୁ ଠିଆ ହୋଇଥିଲେ । ପଡିଆରେ ପହଂଚି ସମସ୍ତଙ୍କ ପାଖକୁ ଯାଇ ହାତ ମିଶାଇ ସେଲ୍ଫି ବି ନେଲେ । ମହିଳାମାନେ ୫-ଟି ସଚିବ ଙ୍କୁ ରାକ୍ଷୀ ପିନ୍ଧାଇ ମଙ୍ଗଳ ମାନସିଲେ ।ତେବେ ସାଧାରଣଜନତାଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣିବା ସହ ଦରଖାସ୍ତଗୁଡ଼ିକ ଗ୍ରହଣ କରିଥିଲେ ୫-ଟି ସଚିବ । ପରେ ମଂଚ ଉପରେ ସମସ୍ତଙ୍କୁ ସମ୍ବୋଧନ କରି କହିଲେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ସମସ୍ୟା ବୁଝିବାକୁ ପଠାଇଛନ୍ତି । ବହୁତ ଦରଖାସ୍ତ ପାଇଛି । ଚାଷୀ ମାନଙ୍କ ଦରଖାସ୍ତକୁ ପ୍ରାଧାନ୍ୟ ଦିଆଯିବ । ଜାଗା ମିଶନରେ ଜିଲ୍ଲାପାଳଙ୍କୁ ଅନୁରୋଧ କରିବି, ଜମି ସମସ୍ୟା ଉପରେ ପଦକ୍ଷେପ ନେବେ । ଆପଣ ବହୁ ଶୀଘ୍ର ଖୁସି ଖବର ପାଇବେ । ଜମି ପଟା ପାଇବେ । ପାଇକଙ୍କର ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ଗୋଟିଏ ସପ୍ତାହ ଭିତରେ ଖୁସି ଖବର ଦେବେ ବୋଲି କହିଥିଲେ । ଜିଲ୍ଲାପାଳ ଜିଲ୍ଲା ସଂସ୍କୃତି ବିଭାଗ ସହ କଥା ହୋଇ ଖୋର୍ଦ୍ଧା ପାଇକଙ୍କ ଉନ୍ନତି ଏବଂ ଖୋର୍ଦ୍ଧା ଦୁର୍ଗ ଉନ୍ନତି ଲାଗି ଦିଆଯାଇଥିବା ଦରଖାସ୍ତ ର ଡିପିଆର ମାସକ ଭିତରେ ପ୍ରସ୍ତୁତ କରି ପଠାନ୍ତୁ ବୋଲି କହିଥିଲେ । ଖୋର୍ଦ୍ଧା ବ୍ଲକ ଅଂଚଳରେ ଥିବା ଏଖରାଜାତ ମାହାଲ ଜମି ସମ୍ପର୍କରେ କହିଥିଲେ, ସ୍ଥିତିବାନ ଜମିର ସ୍ଥିତି ପାଇଁ ଆଲୋଚନା ହୋଇଛି । ଜଗନ୍ନାଥ ଜମି ସମସ୍ୟାର ସମାଧାନ



ପାଇଁ ରାଜ୍ୟ ସରକାରଙ୍କ ସ୍ତରରେ ପଦକ୍ଷେପ ନିଆଯାଉଛି । ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି । ଖୁବଶୀଘ୍ର ଆପଣ ଭଲ ଖବର ପାଇବେ ବୋଲି ଆଶ୍ୱାସନା ଦେଇଥିଲେ । ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଂଟର ପାଇଁ ୭ଦିନ ଅର୍ଥାତ୍ ୨୯ତାରିଖ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ଠାରୁ ଖୁସି ଖବର ପାଇବେ । ସରକାର ଦେଉଥିବା ଅର୍ଥକୁ ଠିକ ଭାବେ ଖର୍ଚ୍ଚ କରନ୍ତୁ, ଆହୁରି ୨ୟ ଓ ୩ୟ କିସ୍ତି ପାଇବେ । କାଲିଠାରୁ ଖୋର୍ଦ୍ଧା ଜିଲ୍ଲାର ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜ ୫-ଟି ରେ ସାମିଲ କଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଯୋଜନାରେ ମିଶନ ଶକ୍ତି କୁ ସାମିଲ କରିଛନ୍ତି । ମହିଳା ମାନେ ରୋଜଗାର କଲେ ପରିବାର ଉନ୍ନତି ହେବ । ପରିବାର ଉନ୍ନତି ହେଲେ ରାଜ୍ୟ ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମିଶନ ଶକ୍ତି ମାଧ୍ୟମରେ ନିଜକୁ ସ୍ୱାବଲମ୍ବୀ କରାଇବା ପାଇଁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଯୋଗ କରୁଛନ୍ତି । କୃଷକମାନଙ୍କୁ ମଧ୍ୟ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଉଛି । ଯେଉଁଠାରେ ସରକାରୀ କୋଠା ବ୍ୟବହାରରେ ଲାଗୁନାହିଁ ତାକୁ ମିଶନ ଶକ୍ତିର ବ୍ୟବହାରରେ ଲଗାଯାଇ ପାରିବ । ମିଶନ ଶକ୍ତିର ମା'ମାନେ ସେଠାରେ ମିଶନ ଶକ୍ତି ଗୃହ କରିପାରିବେ, ଟ୍ରେନିଂ ନେଇପାରିବେ କିମ୍ବା ବ୍ୟବସାୟ କରିପାରିବେ ବୋଲି ୫-ଟି ସଚିବ କହିଥିଲେ । ରାଜ୍ୟରେ ୧୧ହଜାର ୩ଶହ କୋଟି ଟଙ୍କା ଲୋନ ନେଇଛନ୍ତି ମହିଳା ସ୍ୱୟଂସହାୟିକା ଗୋଷ୍ଠିର ସଦସ୍ୟାମାନେ । ତନ୍ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୧୬ହଜାର ୪ଶହ ଗୃପର ସଦସ୍ୟା ୬୫୦କୋଟି ଟଙ୍କା ଲୋନ ନେଇଛନ୍ତି । ସିଆରପି, ଏମବିକେଙ୍କ ଦରମା ବଢାଇବା ଲାଗି ମୁଖ୍ୟମନ୍ତ୍ରୀ ଚିନ୍ତା କରୁଛନ୍ତି । ଖୋର୍ଦ୍ଧା, ଟାଙ୍ଗି ଓ ବେଗୁନିଆ ବ୍ଲକରେ ପାନୀୟ ଜଳ ପାଇଁ ୨୩୩କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ପ୍ରତି ଘରେ ଘରେ ପିଇବା ପାଣି ପହଁଚିବ । ଆସନ୍ତା ମାର୍ଚ୍ଚ ୨୦୨୪ ସୁଦ୍ଧା ଏହି ପ୍ରକଳ୍ପର କାର୍ଯ୍ୟ ସରିବ ବୋଲି କହିଥିଲେ । ଉଗ୍ରତାରା ମନ୍ଦିର ରୂପାନ୍ତର ପାଇଁ ୧୯କୋଟି ବ୍ୟୟ ବରାଦ ହୋଇଛି ।ଏଥିସହିତ ଟାଙ୍ଗି ବ୍ଲକ ନିରାକାରପୁର ଠାରେ ଏକ ଫ୍ଲାଏଓଭର ବ୍ରିଜ ଲାଗି ୬୦କୋଟି ଟଙ୍କା ଅନୁମୋଦନ କରିଛନ୍ତି ରାଜ୍ୟ ସରକାର । ସେହିପରି ରଣପୁର, ସିକୋ, ଜଙ୍କିଆ ରାସ୍ତା ର ଉନ୍ନତିକରଣ ଲାଗି ମୁଖ୍ୟମନ୍ତ୍ରୀ ୧୪କୋଟି ଟଙ୍କା ଅନୁମୋଦନ କରିଥିବା ୫-ଟି ସଚିବ କହିଥିଲେ । ତେବେ ବିଭିନ୍ନ ଅଂଚଳରେ ପାନୀୟ ଜଳ ସମସ୍ୟା ନେଇ ଦରଖାସ୍ତ ଦେଇଥିବା ଅଭିଯୋଗକାରୀଙ୍କ ଅଂଚଳରେ ସନ୍ଧ୍ୟା ସୁଧା ଅଧିକାରୀମାନେ ପହଁଚି ସମସ୍ୟାର ସମାଧାନ କରିବେ ବୋଲି କହିଥିଲେ । ଏନେଇ ମଂଚ ଉପରୁ ଜିଲ୍ଲାପାଳ ଓ ପ୍ରଶାସନି ଅଧିକାରୀଙ୍କୁ ୫-ଟି ସଚିବ ନିର୍ଦ୍ଦେଶ ଦେଇଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viöäage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray